# ଆଦିବାସୀ ମେଳା-୨୦୧୭ (ଦଶମ ସନ୍ଧ୍ୟା)

## ମେଳାରେ ପୁସ୍ତକ ପ୍ରେମୀଙ୍କ ଭିଡ଼

ଭୁବନେଶ୍ୱର ତା ୪/୨/୨୦୧୭ ଜାନୁୟାରୀ ୨୬ ତାରିଖ ଠାରୁ ସ୍ଥାନୀୟ ୟୁନିଟ୍-୧ ସ୍ଥିତ ଆଦିବାସୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଆଦିବାସୀ ମେଳା-୨୦୧୭ ଆଜି ଦଶମ ଦିନରେ ପହଞ୍ଚିଛି । ରାଜଧାନୀବାସୀଙ୍କ ପାଇଁ ଏହି ମେଳା ଏକ "ଗଣୋତ୍ସବ"ରେ ପରିଣତ ହୋଇଛି । ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ମେଳାକୁ ଆସିଥିବା ପଦାର୍ଥର ମୌଳିକ ଜୈବଗୁଣ ପ୍ରତି ରାଜଧାନୀବାସୀ ଆକୃଷ୍ଟ ହୋଇଛନ୍ତି । ସମୟ ସ୍ରୋତରେ ଏ ସବୁ ପଦାର୍ଥର ଗୁଣବତ୍ତା ଅକ୍ଷୁର୍ଣ୍ଣ ରହିଛି ।

ଆଦିବାସୀ ମେଳା ପଡ଼ିଆକୁ ଆସୁଥିବା ଦର୍ଶକମାନଙ୍କ ଉଦ୍ଦେଶ୍ୟ ଏକା ନୁହେଁ । ସମସ୍ତେ ଭିନ୍ନ ଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ମେଳା ଦେଖିବାକୁ ଆସୁଛନ୍ତି । ଆଦିବାସୀମାନଙ୍କ ସମାଜ, ସଭ୍ୟତା, ସଂସ୍କୃତି ଓ ସେମାନଙ୍କ ଜୀବନ ଧାରା ଉପରେ ଆଧାରିତ ଅନେକ ପୁସ୍ତକ ପ୍ରତି ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କର ଶ୍ରଦ୍ଧା ପରିଲକ୍ଷିତ ହେଉଛି । ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷା ସାହିତ୍ୟକୁ ଆଦିବାସୀ ଭାଷା ସଂପଦର ଅତୁଳନୀୟ ଅବଦାନ ରହିଛି । ହଜାର ହଜାର ଆଦିବାସୀ ଶବ୍ଦ ଆମ ଭାଷା ସାହିତ୍ୟକୁ ପୁଷ୍ଟ କରିଛି । ଖାଲି ଆଦିବାସୀ ଗୋଷ୍ଠୀ ନୁହେଁ ବରଂ ଓଡ଼ିଶାରେ ବସବାସ କରୁଥିବା ପ୍ରାଚୀନ ଆଦିବାସୀ ଗୋଷ୍ଠୀର ସାହିତ୍ୟିକ ବିଭବ ଆକଳନ କଲେ ଯେ କେହି ଗବେଷକ ବିସ୍ମିତ ହୁଅନ୍ତି । ଭାରତବର୍ଷରେ ବାସ କରୁଥିବା ୭୫ ଗୋଷ୍ଠୀର ପ୍ରାଚୀନତମ ଜନଜାତି ମଧ୍ୟରୁ ଓଡ଼ିଶାରେ ଲାଞ୍ଜିଆ ସଉରା, ବଣ୍ଡା, ଡ଼ଙ୍ଗରିଆ କନ୍ଧ, ଜୁଆଙ୍ଗ, ଡ଼ିଡ଼ାୟୀ, କୁଟିଆ କନ୍ଧ, ପାହାଡ଼ି ଖଡ଼ିଆ, ଚୁକ୍‌ଟିଆ ଭୁଞ୍ଜିଆ, ଲୋଧା, ପାଉଡ଼ି ଭୂୟାଁ, ବୀରହୋର୍ ଓ ସଉରା ଜନଜାତି ଗୋଷ୍ଠୀ ବାସ କରନ୍ତି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଏହି ୧୩ ଗୋଷ୍ଠୀଙ୍କ ସାମାଜିକ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନ ସହ ସେମାନଙ୍କ ବାସଗୃହ ପର୍ବପର୍ବାଣି, ଚାଲି ଚଳଣି

ସମ୍ବନ୍ଧରେ ସ୍ୱତନ୍ତ୍ର ଚିତ୍ରପୋଥି ପ୍ରକାଶ ପାଇଛି । ଏହା ବ୍ୟତୀତ ୬୨ ପ୍ରକାର ଜନଜାତି ଗୋଷ୍ଠୀ ମଧ୍ୟରୁ ୩୧ ଗୋଷ୍ଠୀଙ୍କ ଜୀବନଶୈଳୀ ଉପରେ ଆଧାରିତ ଚିତ୍ରପୋଥି ଶ୍ରଦ୍ଧାଳୁ ପାଠକ ଓ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହି ପରି ଆହୁରି ଅନେକ ସୁଖପାଠ୍ୟ, ଉପାଦେୟ ଓ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶ ପାଇଛି । ସେହିପରି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଦ୍ୱାରା ପ୍ରକାଶିତ ବହୁ ପୁସ୍ତକକୁ ଛାତ୍ରଛାତ୍ରୀ ଓ ଗବେଷକମାନେ କିଣୁ ଥିବାର ଦେଖାଯାଉଛି ।

ପୁସ୍ତକ ଷ୍ଟଲରେ ପୁସ୍ତକ ପ୍ରେମୀଙ୍କ ଗହଳି ଲାଗିଥିବାବେଳେ, ଖାଦ୍ୟ ପ୍ରାଙ୍ଗଣରେ ଖାଦ୍ୟପ୍ରେମୀ, କଳାପ୍ରାଙ୍ଗରେ କଳାପ୍ରେମୀଙ୍କ ଭିଡ଼ ଜମୁଚି । ପ୍ରତି ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଭିଡ଼ ଲାଗି ରହୁଚି । ଏହି ମେଳା ଫେବୃୟାରୀ ୯ ତାରିଖରେ ଉଦ୍‌ଯାପିତ ହେବ । ଓଡ଼ିଶାର ଗଣମାନସରେ ଏହି ଆଦିବାସୀ ମେଳା ଗଣ ଉତ୍ସବରେ ପରିଣତ ହୋଇ ଦର୍ଶକମାନଙ୍କ ହୃଦୟ ଜିଣିଛି ।